# ଜାତୀୟ ସଂଖ୍ୟାଲଘୁ କମିଶନ୍ ଆଇନ୍ ୧ ୯ ୯ ୨

ସଂଖ୍ୟାଲଘୁମାନଙ୍କ ପାଇଁ ଏକ ଜାତୀୟ କମିଶନ୍ ଗଠନ କରିବା ଏବଂ ଆନୁଷଙ୍ଗିକ ବିଷୟଗୁଡିକ କ୍ଷେତ୍ରରେ ବ୍ୟବସ୍ଥାମାନ ସ୍ଥାନିତ କରିବା ପାଇଁ ଏହି ଆଇନ୍ ୧୭.୫.୧୯୯୩ ଠାରୁ ବଳବତ୍ତର ରହିଆସିଛି । କମିଶନ୍‌ର ୬ଜଣ ସଦସ୍ୟଙ୍କ ଭିତରୁ ଜଣଙ୍କୁ ଉପାଦକ୍ଷ ପଦବୀ ନ୍ୟସ୍ତ କରିବା ଉଦ୍ଦେଶ୍ୟରେ କେବଳ ଥରେ ମାତ୍ର, ୧୯୯୫ରେ ଏହି ଆଇନ୍ ସଂଶୋଧନ ହୋଇଛି । ଏହି କମିଶନ୍‌ରେ ବର୍ତ୍ତମାନ ଜଣେ ଅଧ୍ୟକ୍ଷ (ମହମ୍ମଦ ସାଫି କୁରେଶି), ଜଣେ ଉପାଧ୍ୟକ୍ଷ (ଡକ୍ଟର ଏଚ୍.ଟି.ସାଙ୍ଗଲିଆନା) ଏବଂ ୪ଜଣ ସଦସ୍ୟ ଅଛନ୍ତି, ଯଥା ଶ୍ରୀମତୀ ସ୍ୱାଲ୍‌ଜେସ୍ ଆଙ୍ଗମୋ, ଶ୍ରୀ ହରବେନ୍ଦ୍ର ସିଂ ହଂସପାଲ୍, ଡକ୍ଟର ସୁଶ୍ରୀ ମେହରୁ ଧୁଞ୍ଜିସା ଓ ସୁଶ୍ରୀ ସାୟଦା ଇମାମ୍ । ବର୍ତ୍ତମାନ କମିଶନ୍‌ଙ୍କ କାର୍ଯ୍ୟାଳୟର ଠିକଣା ହେଲା- ଜାତୀୟ ସଂଖ୍ୟାଲଘୁ କମିଶନ୍, ୫ମ ଫ୍ଲୋର୍, ଲୋକନାୟକ ଭବନ, ଖାନ୍ ମାର୍କେଟ୍, ନୂଆଦିଲ୍ଲୀ- ୧୧୦୦୦୩, ଟେଲିଫୋନ୍- ୦୧୧-୨୪୬୦୧୭୫୨, ଫାକ୍ସ- ୨୪୬୯୩୩୦୨ ।

ଏହି ଆଇନ୍‌ର **ଧାରା-୩** ଅନୁଯାୟୀ କେନ୍ଦ୍ର ସରକାର କମିଶନ୍‌ର ଅଧ୍ୟକ୍ଷ ଓ ସଦସ୍ୟମାନଙ୍କୁ ନିଯୁକ୍ତି ଦେବେ । ସେମାନେ ପ୍ରତ୍ୟେକ ସଂଖ୍ୟାଲଘୁ ସଂପ୍ରଦାୟର ବ୍ୟକ୍ତି ହୋଇଥିବେ । **ଧାରା-୪** ଅନୁଯାୟୀ ଅଧ୍ୟକ୍ଷ ଓ ପ୍ରତି ସଦସ୍ୟଙ୍କ କାର୍ଯ୍ୟକାଳ ନିଯୁକ୍ତି ତାରିଖରୁ ୩ବର୍ଷ ହେବ । **ଧାରା-୮** ଅନୁଯାୟୀ କମିଶନ୍ ନିଜେ ନିଜର କାର୍ଯ୍ୟପଦ୍ଧତି ନିର୍ଦ୍ଧାରଣ କରିବେ ।

**ଧାରା-୯ ( ୧ )** ଅଧୀନରେ କମିଶନ୍‌ଙ୍କର ନିମ୍ନୋକ୍ତ କାର୍ଯ୍ୟାବଳୀ ହେବ ବୋଲି ସୂଚନା ଦିଆଯାଇଛି –

(ଏ) ଜାତୀୟ ଓ ରାଜ୍ୟ ସ୍ତରରେ ସଂଖ୍ୟାଲଘୁମାନଙ୍କର ଅଗ୍ରଗତିର ମୂଲ୍ୟାୟନ କରିବା;

(ବି) ସଂବିଧାନ ଓ ସଂସଦ ତଥା ରାଜ୍ୟ ଆଇନ୍‌ସଭାମାନଙ୍କ ଦ୍ୱାରା ପ୍ରଣୀତ ଆଇନ୍‌ଗୁଡିକରେ ସଂଖ୍ୟାଲଘୁ ସୁରକ୍ଷା ପାଇଁ ଥିବା ବ୍ୟବସ୍ଥାମାନ ଉଚିତ୍ ଭାବେ କାର୍ଯ୍ୟ କରୁଛି କି ନାହିଁ, ତାହା ତଦାରଖ କରିବା ;

(ସି) କେନ୍ଦ୍ର ଓ ସରକାରମାନଙ୍କ ଦ୍ୱାରା ସଂଖ୍ୟାଲଘୁ ସୁରକ୍ଷା ବ୍ୟବସ୍ଥାଗୁଡିକ ଫଳପ୍ରଦ ଭାବେ କାର୍ଯ୍ୟାନ୍ୱିତ ହେବା ସକାଶେ ସୁପାରିଶ୍ କରିବା ;

(ଡି) ସଂଖ୍ୟାଲଘୁମାନଙ୍କ ତରଫରୁ କୌଣସି ନିର୍ଦ୍ଦିଷ୍ଟ ଅଭିଯୋଗ ଆସିଥିଲେ ତାକୁ ଅନୁଧ୍ୟାନ କରିବା ଏବଂ ସଂପୃକ୍ତ କର୍ତ୍ତୃମାନଙ୍କ ଦ୍ୱାରା ତହିଁର ପ୍ରତିକାର ପାଇଁ ଚେଷ୍ଟା କରିବା ;

(ଇ) ସଂଖ୍ୟାଲଘୁଙ୍କ ବିରୁଦ୍ଧରେ ଘଟୁଥିବା ବାଛବିଚାର ଉପରେ ନିର୍ଦ୍ଦିଷ୍ଟ ପ୍ରସଙ୍ଗଙ୍କୁ ନେଇ ଅଧ୍ୟୟନ କରିବା ଏବଂ ଏପ୍ରକାର ବାଛବିଚାରର ଦୂରୀକରଣ ପାଇଁ ନିର୍ଦ୍ଦିଷ୍ଟ ପଦକ୍ଷେପଗୁଡିକର ସୁପାରିଶ୍ କରିବା ;

(ଏଫ୍) ସଂଖ୍ୟାଲଘୁମାନଙ୍କ ସାମାଜିକ ଓ ଶିକ୍ଷାଗତ ବିକାଶ ସଂପର୍କୀତ ପ୍ରସଙ୍ଗଗୁଡିକ ଉପରେ ଅଧ୍ୟୟନ, ଗବେଷଣା ଓ ବିଶ୍ଲେଷଣ ଆୟୋଜନ କରିବା ;

(ଜି) କୌଣସି ଏକ ନିର୍ଦ୍ଦିଷ୍ଟ ସଂଖ୍ୟାଲଘୁ ଗୋଷ୍ଠୀ ଉପରେ କେନ୍ଦ୍ର ଓ ରାଜ୍ୟ ସରକାର ଯେଉଁ ପଦକ୍ଷେପ ନେବା ଆବଶ୍ୟକ, ତାହା ସୁପାରିଶ୍ କରିବା ;

(ଏଚ୍) ସଂଖ୍ୟାଲଘୁ ଗୋଷ୍ଠୀସମୂହ, ଓ ବିଶେଷ କରି ସେମାନେ ଯେଉଁ ଅସୁବିଧାଗୁଡିକର ସମ୍ମୁଖୀନ ହେଉଛନ୍ତି, ସେ ବିଷୟରେ କେନ୍ଦ୍ର ସରକାରଙ୍କୁ ସମୟାନ୍ତରରେ ସ୍ୱତନ୍ତ୍ର ରିପୋର୍ଟ ପଠାଇବା ; ଏବଂ

(ଆଇ) କେନ୍ଦ୍ର ସରକାରଙ୍କ ଦ୍ୱାରା ସୂଚୀତ ହୋଇଥିବା ମତେ ଅନ୍ୟ ଯେ କୌଣସି ପ୍ରସଙ୍ଗ ।

**ଧାରା-୯ ( ୨ )**ରେ କୁହାଯାଇଛି ଯେ, କମିଶନ୍ ଦେଇଥିବା ସୁପାରିଶ୍ ଏବଂ ତାହା ଉପରେ ସରକାର ନେଇଥିବା

କାର୍ଯ୍ୟାନୁଷ୍ଠାନ ତଥା ଯେଉଁ ସୁପାରିଶ୍ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିନାହିଁ, ତହିଁର କାରଣକୁ ସମନ୍ୱିତ କରି କେନ୍ଦ୍ର ସରକାର ଏକ ରିପୋର୍ଟ ସଂସଦରେ ଉପସ୍ଥାପନ କରିବେ ।

**ଧାରା-୯(୩)**ରେ କୁହାଯାଇଛି ଯେ, ଯେଉଁସ୍ଥଳେ କମିଶନ୍‌ଙ୍କ ସୁପାରିଶ୍ କୌଣସି ରାଜ୍ୟ ସହିତ ସଂପର୍କୀତ, ସେପରି ସ୍ଥଳେ କମିଶନ୍ ଉକ୍ତ ସୁପାରିଶ୍‌କୁ ସଂପୃକ୍ତ ରାଜ୍ୟ ସରକାରଙ୍କ ନିକଟକୁ ପଠାଇବେ ଏବଂ ଉକ୍ତ ରାଜ୍ୟ ସରକାର ସେହି ସୁପାରିଶ୍ ଉପରେ ଗ୍ରହଣ କରିଥିବା କାର୍ଯ୍ୟାନୁଷ୍ଠାନ ସହିତ ସୁପାରିଶ୍‌ର ଯେଉଁ ଅଂଶ ଗ୍ରହଣ କରାଯାଇ ପାରିନାହିଁ, ତହିଁର କାରଣ ଦର୍ଶାଇ ଏକ ସମନ୍ୱିତ ରିପୋର୍ଟ ରାଜ୍ୟ ଆଇନ୍ ସଭାରେ ଉପସ୍ଥାପନ କରିବେ ।

**ଧାରା-୯(୪)**ରେ କୁହାଯାଇଛି ଯେ, କମିଶନ୍ କୌଣସି କେଶ୍‌ର ବିଚାରଣା କରୁଥିବା ସମୟରେ ଗୋଟିଏ ସିଭିଲ୍ କୋର୍ଟର କ୍ଷମତାବଳୀ ପ୍ରୟୋଗ କରିପାରିବେ, ଯଥା କୌଣସି ବ୍ୟକ୍ତିଙ୍କ ହାଜିରାକୁ ସୁନିଶ୍ଚିତ କରିବା ପାଇଁ ସମନ୍ କରିବା, କୌଣସି ଦଲିଲ୍‌କୁ ଦାଖଲ ପାଇଁ ତଲବ୍ କରିବା, ଯେ କୌଣସି କାର୍ଯ୍ୟାଳୟ ବା ଅଦାଲତରୁ ଏକ ସର୍ବସାଧାରଣ ଦଲିଲ୍‌କୁ ମଗେଇବା, ତଥା ସାକ୍ଷୀମାନଙ୍କୁ ଜେରା କରିବା ପାଇଁ ସମନ୍ ପଠାଇବା ।

**ଧାରା-୧୦** ଅନୁଯାୟୀ ଜାତୀୟ ସଂଖ୍ୟାଲଘୁ କମିଶନ୍‌ଙ୍କ ସମସ୍ତ ଖର୍ଚ୍ଚ କେନ୍ଦ୍ର ସରକାର ବହନ କରିବେ । **ଧାରା-୧୨** ଅନୁଯାୟୀ କମିଶନ୍ କେନ୍ଦ୍ ସରକାରଙ୍କ ନିକଟରେ ଏକ ବାର୍ଷିକ ରିପୋର୍ଟ ଦାଖଲ କରିବେ ଏବଂ **ଧାରା- ୧୩** ଅନୁଯାୟୀ କେନ୍ଦ୍ର ସରକାର ଉଭୟ ବାର୍ଷିକ ରିପୋର୍ଟ ଓ ଅଡିଟ୍ ରିପୋର୍ଟକୁ ଗୃହୀତ କାର୍ଯ୍ୟାନୁଷ୍ଠନ ଟିପ୍‌ପଣୀ ସହିତ ସଂସଦର ଉଭୟ ଗୃହରେ ଉପସ୍ଥାପନ କରିବେ । **ଧାରା-୧୫** ଅନୁଯାୟୀ ଏହି ଆଇନ୍ ଅଧୀନରେ ନିୟମାବଳୀ ପ୍ରଣୟନ କରିବା ଓ **ଧାରା-୧୬** ଅନୁଯାୟୀ ଅସୁବିଧା ଦୂରୀକରଣର କ୍ଷମତା କେବଳ କେନ୍ଦ୍ର ସରକାରଙ୍କର ରହିଛି ।

ବର୍ତ୍ତମାନ ୧୫ଟି ରାଜ୍ୟରେ ସେମାନଙ୍କର ନିଜନିଜର ରାଜ୍ୟ ସଂଖ୍ୟାଲଘୁ କମିଶନ୍ କାର୍ଯ୍ୟ କରୁଛି, ଯଥା ଆନ୍ଧ୍ର ପ୍ରଦେଶ, ଆସାମ, ବିହାର, ଛତିଶ୍‌ଗଡ, ଦିଲ୍ଲୀ, ଝାରଖଣ୍ଡ, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ମଣିପୁର, ରାଜସ୍ଥାନ, ତାମିଲନାଡୁ, ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ ଓ ପଶ୍ଚିମବଙ୍ଗ । ଓଡିଶାରେ ଏପର୍ଯ୍ୟନ୍ତ ସଂଖ୍ୟାଲଘୁ କମିଶନ୍ ଗଠିତ ହୋଇପାରିନାହିଁ ।